# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20th February - 2025

**********************************

## ମୁଖ୍ୟ ସମ୍ବାଦ

- ହୀରାକୁଦ ଜଳଭଣ୍ଡାରର ସ୍ଥିତି ସମୀକ୍ଷା ନେଇ ଖୁବ୍‌ଶୀଘ୍ର ସର୍ଭେ ହେବ, ବିଧାନସଭାରେ କହିଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟରେ ଆଉ ୯ଟି ଆଞ୍ଚଳିକ ବିମାନବନ୍ଦରର ବିକାଶପାଇଁ ସରକାରଙ୍କ ଯୋଜନା ।

- ଆସନ୍ତାକାଲିଠାରୁ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା ।

— ରାଜ୍ୟର ୩ ହଜାର ୨୯ଟି କେନ୍ଦ୍ରରେ ପରୀକ୍ଷା ଦେବେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ।

- ଅଣସଂକ୍ରାମକ ରୋଗର ମୁକାବିଲାପାଇଁ ଦେଶବ୍ୟାପୀ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ।

ଏବଂ

- କଟକରେ ଆରମ୍ଭ ହେଲା ଜାତୀୟ ବରିଷ୍ଠ ପୁରୁଷ କବାଡି ଚାମ୍ପିଅନ୍‌ସିପ୍ ।

***BBSR/R***

## ହୀରାକୁଦ ଜଳଭଣ୍ଡାର

ହୀରାକୁଦ ଜଳଭଣ୍ଡାରର ସ୍ଥିତି ସମୀକ୍ଷାପାଇଁ ଖୁବ୍ ଶୀଘ୍ର ସର୍ଭେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ହୀରାକୁଦ ନଦୀବନ୍ଧରେ ଦେଖାଦେଇଥିବା ଫାଟ ସ୍ଥିତିର ଅନୁଧ୍ୟାନପାଇଁ ଆସିଥିବା ସଂସ୍ଥା ରିପୋର୍ଟ ପ୍ରଦାନ କରିଛନ୍ତି ।  ଫାଟର ମରାମତି ପାଇଁ ଜଳ, ସ୍ଥଳ ଓ ଆକାଶ ମାର୍ଗରେ ସର୍ଭେ କରାଯିବ । ଏଥିପାଇଁ କ୍ୟାବିନେଟ୍‌ର ମଞ୍ଜୁରି ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***BBSR/R***

## ବିମାନବନ୍ଦର

ରାଜ୍ୟରେ ଆଉ ୯ଟି ଆଞ୍ଚଳିକ ବିମାନ ବନ୍ଦରର ବିକାଶପାଇଁ ଯୋଜନା ରହିଛି ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି । ମନ୍ତ୍ରୀ କହିଛନ୍ତି ସରକାର କୋରାପୁଟ ଜିଲ୍ଲାର ଜୟପୁରଠାରେ ଏକ ପୂର୍ଣ୍ଣାଙ୍ଗ ଟୁ-ବି’ ବର୍ଗର ବିମାନ ବନ୍ଦର ନିର୍ମାଣ କରିଛନ୍ତି । ଏହାକୁ ଥ୍ରି-ସି’ ବର୍ଗକୁ ଉନ୍ନୀତ କରିବାପାଇଁ ୨୨୯ ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ଅନୁମୋଦନ ମିଳିଛି । ଏଥିପାଇଁ ୬୫ କୋଟି

୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏଥିସହ ବଲାଙ୍ଗିର ତୁଷୁରାଠାରେ ଏୟାରଷ୍ଟ୍ରିପ୍ ମଧ୍ୟ ବିକଶିତ କରାଯାଇଛି । ଏହାକୁ ଟୁ-ବି’ ବର୍ଗକୁ ଉନ୍ନୀତ କରିବାପାଇଁ ୬୫ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

***IPR***

## ବନାଗ୍ନି - ନିୟନ୍ତ୍ରଣ

ଗ୍ରୀଷ୍ମଋତୁରେ ଜଙ୍ଗଲରେ ଲାଗୁଥିବା ନିଆଁକୁ ଆୟତ୍ତ କରିବା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ବିଧାନସଭାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି । ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି, ଜଙ୍ଗଲ ଆଭ୍ୟନ୍ତରୀଣ ତଥା ସୀମାବର୍ତ୍ତୀ ଅଞ୍ଚଳରେ ଅଗ୍ନି ପ୍ରଶମନ ରେଖା ସୃଷ୍ଟି କରାଯାଇଛି । ବନଖଣ୍ଡ ଏବଂ ରେଞ୍ଜସ୍ତରୀୟ ସଚେତନତା ଅଭିଯାନ, ବନ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ ଅବଗତ କରାଇବା ସହ ମକ୍‌ଡ୍ରିଲ୍ କରାଯାଉଛି । ନିଆଁକୁ ଆୟତ୍ତ କରିବାକୁ ୩୩୪ଟି ଅଗ୍ନି ସୁରକ୍ଷା ଦଳ ଗଠନ କରାଯିବା ସହ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଥିବା ମନ୍ତ୍ରୀ କହିଛନ୍ତି ।

**Desk**

# ମାଟ୍ରିକ୍ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ରାଜ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବ। ପରୀକ୍ଷା ପୂର୍ବରୁ ଆଜି ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଆନୁଷଙ୍ଗିକ ବିଧି ବ୍ୟବସ୍ଥା ନେଇ ବୋର୍ଡ ପକ୍ଷରୁ ଚୟନ କରାଯାଇଥିବା ନୋଡାଲ ସେଣ୍ଟର ଓ ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ଲାଇଭ୍ ଷ୍ଟ୍ରିମିଂ ବ୍ୟବସ୍ଥାର ଅନୁଧ୍ୟାନ କରାଯାଉଛି। ବୋର୍ଡ କର୍ତ୍ତୃପକ୍ଷ ଓ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀମାନେ ୬୦୦ଟି କେନ୍ଦ୍ରରେ ଲାଇଭ୍ ଭିଡିଓ ବ୍ୟବସ୍ଥାର ଅନୁଧ୍ୟାନ କରୁଛନ୍ତି । ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ୨୮୬ଟି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ଓ ୩୧୪ଟି ନୋଡାଲ ସେଣ୍ଟରର ଭିଡିଓ, ବୋର୍ଡ କାର୍ଯ୍ୟାଳୟ ମାଧ୍ୟମରେ ଲାଇଭ୍ ଷ୍ଟ୍ରିମିଂ ଦ୍ୱାରା ସମୀକ୍ଷା କରାଯାଇଛି। ମାଟ୍ରିକ୍ ପରୀକ୍ଷା ସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ସଂସ୍କୃତ ମଧ୍ୟମା ପରୀକ୍ଷା ମଧ୍ୟ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ୩ ହଜାର ୨୯ଟି ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷ ୨୦ହଜାର ୬୪୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।

***PIB***

# ଅଣସଂକ୍ରାମକ ରୋଗ - ସ୍ୱତନ୍ତ୍ର ଅଭିଯାନ

ଦେଶରେ ଅଣସଂକ୍ରାମକ ରୋଗ - ଏନ୍.ସି.ଡି.ର ମୁକାବିଲାପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନକୁ ମଧୁମେହ, ଉଚ୍ଚ ରକ୍ତଚାପ, ମୁଖ, ସ୍ତନ ଏବଂ ଜରାୟୁ କର୍କଟ ରୋଗର ପରୀକ୍ଷଣ କରାଯିବ । ଏହି ଅଭିଯାନ ଦେଶବ୍ୟାପୀ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକରେ କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏଥିପାଇଁ ତାଲିମପ୍ରାପ୍ତ ଆଶା, ଏ.ଏନ୍.ଏମ୍. ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ବୁଲି ଲୋକଙ୍କର ସ୍ୱାସ୍ଥ୍ୟ ଯାଞ୍ଚ୍ କରିବେ । ଅଭିଯାନର ସଫଳ ରୂପାୟନପାଇଁ ବ୍ଲକ୍, ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ନୋଡ଼ାଲ୍ ଅଧିକାରୀଙ୍କୁ ନିଯୁକ୍ତି କରାଯିବ । ଏହି ସ୍ୱତନ୍ତ୍ର ଅଭିଯାନ ଅଣସଂକ୍ରାମକ ରୋଗମୁକ୍ତ ଭାରତ ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

***Dhenkanal/R***

# କେନ୍ଦ୍ରମନ୍ତ୍ରୀ - ଢେଙ୍କାନାଳ ଗସ୍ତ

କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଆଜି ଦିନିକିଆ ଢେଙ୍କାନାଳ ଗସ୍ତରେ ଆସି କେନ୍ଦ୍ର ସରକାରଙ୍କ ବିଭିନ୍ନ

ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହ ଢେଙ୍କାନାଳରେ ସଖୀ ୱାନ୍ ଷ୍ଟପ୍ ସେଣ୍ଟର୍ ବୁଲି ଦେଖିଥିଲେ । ଏହି ଅବସରରେ ଶ୍ରୀମତୀ ଠାକୁର କହିଛନ୍ତି :

***Voice** :..........*

***Desk***

# ଦିଲ୍ଲୀ ମୁଖ୍ୟମନ୍ତ୍ରୀ - ଶପଥ ଗ୍ରହଣ

ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଆଜି ରେଖା ଗୁପ୍ତା ଶପଥ ଗ୍ରହଣ କରିଛନ୍ତି। ରାମଲୀଳା ମଇଦାନରେ ଉପରାଜ୍ୟପାଳ ଭି.କେ. ସକ୍‌ସେନା’ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ରେଖା ଗୁପ୍ତା ଓ ଉପମୁଖ୍ୟମନ୍ତ୍ରୀ ଭାବେ ପରବେଶ ବର୍ମାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହା ସହ ଅନ୍ୟ ୬ ଜଣ ମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ କରିଛନ୍ତି। ଶପଥଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଏନ୍‌ଡିଏ ଶାସିତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ସମାରୋହରେ ଯୋଗ ଦେଇଥିଲେ । ସୁଷମା ସ୍ୱରାଜ, ଶୀଲା ଦିକ୍ଷୀତ୍ ଏବଂ ଆତିସୀଙ୍କ ପରେ ଶ୍ରୀମତୀ ଗୁପ୍ତା ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଏବଂ ବିଜେପି ପକ୍ଷରୁ ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ହୋଇଛନ୍ତି।

*Deogarh/R*

# ଶିଶୁ ସୁରକ୍ଷା - କର୍ମଶାଳା

ଦେବଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶିଶୁ ସୁରକ୍ଷା ଆଚରଣ ବିଧି ଓ ବ୍ୟବସ୍ଥା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶିଶୁ ସୁରକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶତାଧିକ ଗାଡ଼ି ଚାଳକ ଯୋଗଦେଇ ଶିଶୁ ସୁରକ୍ଷା ସମ୍ପର୍କିତ ଆଚରଣ ବିଧି ଓ ବ୍ୟବସ୍ଥା ସମ୍ପର୍କରେ ତାଲିମ୍ ନେଇଥିଲେ ।

*Boudh/R*

# ଜଳ ପରିଚାଳନା

ବୌଦ୍ଧ ଜିଲ୍ଲା ପରିଷଦ ପଞ୍ଚାୟତ ଭବନଠାରେ ଜଳ ପରିଚାଳନା ଓ ସୁଷମ ବଣ୍ଟନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ପକ୍ଷରୁ ଆରମ୍ଭ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, କୃଷି ଜଳସମ୍ପଦର ସଂରକ୍ଷଣ ସହ ଗାଁର ସମସ୍ତ ଘରକୁ ଟ୍ୟାପ୍ ଯୋଗେ ପାଣି ଯୋଗାଇ ଦେବା ଲକ୍ଷ୍ୟନେଇ ବୋଲି ବୈଠକରେ ଆଲୋଚନା ହୋଇଛି ।

***Gajapati/R***

# ବ୍ୟାଙ୍କର୍ସ କମିଟି ବୈଠକ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତି ଜିଲ୍ଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ଅଗ୍ରାଧିକାର ଭିତ୍ତିରେ ୧ ହଜାର ୭୨୭ କୋଟି ଟଙ୍କା ନାବାର୍ଡ଼ ପକ୍ଷରୁ ମଞ୍ଜୁର କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଅଧୀନରେ ୪ ଜଣ ହିତାଧିକାରୀଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି ।

***Puri/R***

# ଶ୍ରୀଲୋକନାଥ ଜାଗରଯାତ୍ରା

ପୁରୀ ଶ୍ରୀଲୋକନାଥ ପୀଠରେ ମହାଶିବରାତ୍ରି ଉପଲକ୍ଷେ ହେବାକୁ ଥିବା ଜାଗର ଯାତ୍ରାର ସୁପରିଚାଳନା ପାଇଁ ଆଜି ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ସୋମବାର ଦିନ ପଙ୍କୋଦ୍ଧାର ଏକାଦଶୀ ଏବଂ ବୁଧବାର ଜାଗର ଯାତ୍ରାର ନୀତିକାନ୍ତି ଓ ସମୟ ନିର୍ଘଣ୍ଟ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

ଆଇନଶୃଙ୍ଖଳା ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ବ୍ୟବସ୍ଥା ଆଦିର ସଠିକ୍ ପରିଚାଳନାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

***Cuttack/R***

## କବାଡ଼ି ପ୍ରତିଯୋଗିତା

କଟକ ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆଜିଠାରୁ ଜାତୀୟ ବରିଷ୍ଠ ପୁରୁଷ କବାଡି ଚାମ୍ପିଅନ୍‌ସିପ୍‌ର ୭୧ତମ ସଂସ୍କରଣ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ମ୍ୟାଚ୍ ଓଡ଼ିଶା ଓ ବିଦର୍ଭ ମଧ୍ୟରେ ଖେଳାଯାଉଛି । ଆଜି ଆଉ ୫ଟି ମ୍ୟାଚ୍ ଖେଳାଯିବ । ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ସମସ୍ତ ରାଜ୍ୟର ପ୍ରତିଯୋଗୀ ଏବଂ ୪ଟି ବିଭାଗୀୟ ଦଳ ଭାଗ ନେଇଛନ୍ତି । ଓଡ଼ିଶା କବାଡି ସଂଘ ଏବଂ ରାଜ୍ୟ କ୍ରୀଡା ବିଭାଗର ମିଳିତ ସହଯୋଗରେ କବାଡି ଚାମ୍ପିଅନ୍‌ସିପ୍‌ର ଆୟୋଜନ କରାଯାଇଛି ।

***HS***

## ଦିବ୍ୟାଙ୍ଗ ପୁରସ୍କାର

ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ବ୍ୟକ୍ତିମାନଙ୍କୁ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଓଡ଼ିଶା

ରାଜ୍ୟ ଶାଖା ପକ୍ଷରୁ ୪ଟି ବର୍ଗରେ ଉତ୍କଳ ଦିବସରେ ପୁରସ୍କୃତ କରାଯିବ । ଏଥିପାଇଁ ସରକାରୀ, ଅର୍ଦ୍ଧସରକାରୀ ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତ୍ୟେକ ଦିବ୍ୟାଙ୍ଗ ବର୍ଗ ନିମନ୍ତେ ୨ ଜଣ ବ୍ୟକ୍ତିଙ୍କ ନାମ ସୁପାରିସ କରିବେ । ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀମାନେ ୨ ଜଣଙ୍କ ବ୍ୟକ୍ତିଙ୍କ ଚୟନ କରି ଆସନ୍ତା ମଙ୍ଗଳବାର ସୁଦ୍ଧା ରେଡ୍‌କ୍ରସ୍ ସୋସାଇଟିକୁ ପଠାଇବେ । ଆସନ୍ତା ୨୮ ତାରିଖ ପରେ କୌଣସି ଆବେଦନ ବିଚାରକୁ ନିଆଯିବ ନାହିଁ ବୋଲି ଶାଖା ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

# ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି । ଏହାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହେବାନେଇ ୧୭ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****